# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 14th October – 2026

************************************

## ମୁଖ୍ୟ ସମ୍ବାଦ

- ଯାଜପୁର କଳିଙ୍ଗନଗରଠାରେ ପ୍ରାୟ ୩୯ ହଜାର ୩୮୩ କୋଟି ଟଙ୍କାର ୪୬ଟି ବୃହତ୍ ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

— କହିଲେ, ଯୁବପିଢ଼ିଙ୍କପାଇଁ ଏହା ୪୨ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନରେ ହେବ ସହାୟକ ।

- ରାଜ୍ୟରେ ଛାତ୍ରସଂସଦ ନିର୍ବାଚନ ପାଇଁ ଆଜି ଅନୁଷ୍ଠିତ ହେଉଛି "ହ୍ୱାଇ ଆଇ ଷ୍ଟାଣ୍ଡ ଫର୍" ମିଟିଂ; ଆସନ୍ତାକାଲି ନିର୍ବାଚନ ।

- ବୈଦ୍ୟୁତିକ ବର୍ଜ୍ୟବସ୍ତୁ ଓ ପୁନଃ ବ୍ୟବହାର ନେଇ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଆଜି ପାଳନ କରାଯାଉଛି ଅନ୍ତର୍ଜାତୀୟ ଇ-ଆବର୍ଜନା ଦିବସ ।

ଏବଂ

- ନବରାତ୍ରିର ଚତୁର୍ଥ ଦିନରେ ଶକ୍ତିପୀଠଗୁଡ଼ିକରେ ପୂଜା ପାଉଛନ୍ତି ମା' କୁଷ୍ମାଣ୍ଡା ।

***Desk***

# ମୁଖ୍ୟମନ୍ତ୍ରୀ - ପ୍ରକଳ୍ପ ଶିଳାନ୍ୟାସ

ଓଡ଼ିଶାକୁ ଶିଳ୍ପସମୃଦ୍ଧ କରିବା ସହ ରାଜ୍ୟର ପ୍ରତିଭାବାନ୍ ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ ଦେବାପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।ଯାଜପୁର ଜିଲ୍ଲା କଳିଙ୍ଗନଗରଠାରେ ଆଜି ମୁଖ୍ୟମନ୍ତ୍ରୀ ଅଣଚାଳିଶ ହଜାର ୩୮୩ କୋଟି ଟଙ୍କା ମୂଲ୍ୟର ୪୬ଟି ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି । ଶ୍ରୀ ମାଝୀ କହିଛନ୍ତି, ଏହି ଯୁଗାନ୍ତକାରୀ ପଦକ୍ଷେପଦ୍ୱାରା ରାଜ୍ୟର ୪୨ ହଜାର ୫୧୨ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଓଡ଼ିଶାକୁ ଦେଶ ତଥା ବିଶ୍ୱର ଏକ ଅଗ୍ରଣୀ ଉତ୍ପାଦନ କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବାପାଇଁ ସରକାରଙ୍କ ପ୍ରୟାସ ଜାରି ରହିଛି । ସ୍ଥାନୀୟ ସମ୍ବଳର ଯଥାର୍ଥ ଉପଯୋଗ, ଶିଳ୍ପ ପ୍ରସାର ଏବଂ ପ୍ରତ୍ୟେକ ଓଡ଼ିଆ ପରିବାର ନିକଟରେ ସମୃଦ୍ଧି ପହଞ୍ଚାଇବାପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ଏକ ଆତ୍ମନିର୍ଭର, ବିକଶିତ ତଥା ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ସରକାରଙ୍କ ଏହି ପ୍ରଗତି ଯାତ୍ରା ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

***Voice (CM)*** :.......

ମୁଖ୍ୟମନ୍ତ୍ରୀ ଏହି ଅବସରରେ ରାଜ୍ୟରେ ଶିଳ୍ପ ନିବେଶ ଓ ସମ୍ଭାବନା ଉପରେ ଉପସ୍ଥିତ ଶିଳ୍ପପତିଙ୍କ ସହ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

***Desk***

# ଛାତ୍ରସଂସଦ ନିର୍ବାଚନ

ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଆଜି 'ହ୍ୱାଏ ଆଇ ଷ୍ଟାଣ୍ଡ ଫର୍' ମିଟିଂ ଅନୁଷ୍ଠିତ ହେଉଛି । ନିର୍ବାଚନ ପାଇଁ ଗତକାଲି ପ୍ରଚାର ଶେଷ ହୋଇଛି । ଆସନ୍ତାକାଲି ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯାଇ ଫଳାଫଳ ଘୋଷଣା କରାଯିବ । ୧୬ ତାରିଖ ପୂର୍ବାହ୍ନରେ ନବନିର୍ବାଚିତ ପ୍ରତିନିଧିଙ୍କ ଶପଥ ଗ୍ରହଣ ଅନୁଷ୍ଠିତ ହେବ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ' ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବିନା ହିଂସାରେ ଶାନ୍ତିଶୃଙ୍ଖଳାର ସହ ମତଦାନ କରିବାକୁ ଶ୍ରୀ ସୂରଯ ଛାତ୍ରଛାତ୍ରୀମାନଙ୍କୁ ନିବେଦନ କରିଛନ୍ତି ।

***Voice (Suraj)*** :..........

ସୂଚନା ଅନୁଯାୟୀ ରାଜ୍ୟର ୩୨୮ଟି ମହାବିଦ୍ୟାଳୟ ଏବଂ ୧୩ଟି ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ପାଇଁ ନିର୍ବାଚନ ହେବ। ୨୦୨ଟି ମହାବିଦ୍ୟାଳୟ ଏବଂ ୩ଟି ବିଶ୍ୱବିଦ୍ୟାଳୟରେ ନିର୍ବାଚନ ବଦଳରେ ଛାତ୍ର ସଂସଦ ପାଇଁ ଚୟନ କରାଯିବ।

*Desk*

# ପଞ୍ଚାୟତ ନିର୍ବାଚନ - ଭୋଟର ତାଲିକା

ରାଜ୍ୟରେ ଆଗାମୀନ ପଞ୍ଚାୟତ ଓ ପୌର ନିର୍ବାଚନପାଇଁ ସ୍ୱଚ୍ଛ, ନିରପେକ୍ଷ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ କମିଶନ୍‌ଙ୍କ ପକ୍ଷରୁ ଆସନ୍ତା ୨୬ ତାରିଖରୁ ଘରକୁ ଘର ସର୍ଭେ ଆରମ୍ଭ ହେବ । ଏ ସମ୍ବନ୍ଧରେ ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀ ଆସନ୍ତାକାଲି ଅପରାହ୍ଣରେ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିବେ ।

*Desk*

# ଜାତୀୟ ରାଜପଥ

ସମ୍ବଲପୁର ଲୋକସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦେବଗଡ଼ ଜିଲ୍ଲା ମଧ୍ୟଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ’ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଚିଠି ଲେଖି ବିର୍ସାମୁଣ୍ଡା ଛକରେ ଅଣ୍ଡର ପାସ୍ ସହ କଲାତିଲେଇବଣିରେ ସର୍ଭିସ୍ ରୋଡ୍ ନିର୍ମାଣପାଇଁ ଅନୁରୋଧ କରିଛନ୍ତି । ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି, ଏହି ଜାତୀୟ ରାଜପଥରେ ଆନ୍ତଃରାଜ୍ୟ ପଣ୍ୟବାହୀ ଏବଂ ଟ୍ରାଫିକ୍ ଚଳାଚଳ ସହିତ

ସ୍ଥାନୀୟ ଜନସାଧାରଣଙ୍କ ଯାତାୟତ ବୃଦ୍ଧି ପାଇବାରେ ଲାଗିଛି । ଏଥିପାଇଁ ଦେବଗଡ଼ ବାଇପାସ୍ ଆରମ୍ଭରେ ଥିବା ଆମ୍ବେଦ୍କର ଛକ ନିକଟ 'ୱାଇ ଜଙ୍କ୍ସନ୍'ଠାରେ ପ୍ରବଳ ଟ୍ରାଫିକ୍ ସମସ୍ୟା ଉପୁଜୁଥିବାରୁ ସେଠାରେ ଏକ ସର୍ଭିସ୍ ରୋଡ୍ ଓ ଉପଯୁକ୍ତ ହାଇୱେ ଲାଇଟିଂ ବ୍ୟବସ୍ଥା ସହ ଏକ ଏଲିଭେଟେଡ୍ ଫ୍ଲାଏଓଭର୍ ନିର୍ମାଣ କରିବା ଜରୁରୀ ହୋଇପଡ଼ିଛି ବୋଲି ଶ୍ରୀ ପ୍ରଧାନ ଚିଠିରେ ଦର୍ଶାଇଛନ୍ତି । ସେହିପରି ଦେବଗଡ଼-ଅନୁଗୁଳ ରୋଡ୍ ଦେଇ ଯାଇଥିବା ୨୧ ନମ୍ବର ଏବଂ ୪୯ ନମ୍ବର ଜାତୀୟ ରାଜପଥ ଏକାଠି ହୋଇଥିବା ବିର୍ସାମୁଣ୍ଡା ଛକରେ ସ୍ଲିପ୍ ରୋଡ୍ ଏବଂ ଏକ ଅଣ୍ଡର୍ ପାସ୍ ନିର୍ମାଣ କରାଯିବା ଉପରେ କେନ୍ଦ୍ରମନ୍ତ୍ରୀଙ୍କୁ ଶ୍ରୀ ପ୍ରଧାନ ପ୍ରସ୍ତାବ ଦେଇଛନ୍ତି ।

***Desk***

# ଅନ୍ତର୍ଜାତୀୟ ଇ-ଆବର୍ଜନା ଦିବସ

ବୈଦ୍ୟୁତିକ ବର୍ଜ୍ୟବସ୍ତୁ କିମ୍ବା ଇ-ଆବର୍ଜନାକୁ ହ୍ରାସ ଏବଂ ଏହାର ପୁନଃ ବ୍ୟବହାର ନେଇ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ଅନ୍ତର୍ଜାତୀୟ ଇ-ଆବର୍ଜନା ଦିବସ ପାଳନ କରାଯାଉଛି। ୨୦୧୮ ମସିହାରୁ ପ୍ରତିବର୍ଷ ଅକ୍ଟୋବର ମାସ ୧୪ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ଇ-ବର୍ଜ୍ୟକୁ ଫିଙ୍ଗି ଦିଅନ୍ତୁ ନାହିଁ : ପୁନଃ ବ୍ୟବହାର କରନ୍ତୁ" । ବ୍ୟକ୍ତିଗତ ତଥା ଆନୁଷ୍ଠାନିକ ସ୍ତରରେ ପରିତ୍ୟକ୍ତ ବୈଦ୍ୟୁତିକ ବର୍ଜ୍ୟବସ୍ତୁର ଉପଯୁକ୍ତ ପରିଚାଳନା ଏବଂ ପୁନଃଚକ୍ରଣ ମାଧ୍ୟମରେ

ପ୍ରସ୍ତୁତ ଉତ୍ପାଦଗୁଡ଼ିକର ବ୍ୟବହାରକୁ ପ୍ରୋତ୍ସାହନ ପ୍ରଦାନ କରିବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ୨୦୨୨ ମସିହାରୁ ବିଶ୍ୱରେ ୬୨ ନିୟୁତ ଟନ୍ ଇ-ବର୍ଜ୍ୟବସ୍ତୁ ସୃଷ୍ଟି ହୋଇଥିଲା । ସେଥିମଧ୍ୟରୁ ମାତ୍ର ୨୨ ଦଶମିକ ୩ ପ୍ରତିଶତ ଆନୁଷ୍ଠାନିକ ଭାବେ ସଂଗ୍ରହ ଓ ପୁନଃଚକ୍ରଣ କରାଯାଇଥିଲା ।

***Desk***

# ନବରାତ୍ରି

ନବରାତ୍ରିର ଚତୁର୍ଥ ଦିବସରେ ଆଜି ଶକ୍ତିପୀଠଗୁଡ଼ିକରେ ରୀତିନୀତି ସହ ପୂଜାର୍ଚ୍ଚନା ସାଙ୍ଗକୁ ମା'ଙ୍କ କୁଷ୍ମାଣ୍ଡା ବେଶ ଅନୁଷ୍ଠିତ ହେଉଛି । ଦେବୀ କୁଷ୍ମାଣ୍ଡା ହେଉଛନ୍ତି ତେଜ ଓ ପ୍ରତାପର ସ୍ୱରୂପ । ସାରା ବ୍ରହ୍ମାଣ୍ଡର ସମସ୍ତ ବସ୍ତୁ ଏବଂ ପ୍ରାଣୀଙ୍କଠାରୁ ନିର୍ଗତ ହେଉଥିବା ତେଜର ସୃଷ୍ଟିକର୍ତ୍ତା ଦେବୀ କୁଷ୍ମାଣ୍ଡା ବୋଲି ବିଶ୍ୱାସ ରହିଛି । ପୌରାଣିକ କିମ୍ବଦନ୍ତୀ ଅନୁସାରେ ମା'ଙ୍କ ଦିବ୍ୟହସ୍ତରୁ ବ୍ରହ୍ମାଣ୍ଡର ସୃଷ୍ଟି ହୋଇଥିଲା । ଏହି କାରଣରୁ ମା'ଙ୍କୁ କୁଷ୍ମାଣ୍ଡା ବୋଲି କୁହାଯାଏ । ସିଂହବାହିନୀ ମା' ଅଷ୍ଟଭୁଜା, ହସ୍ତରେ ତ୍ରିଶୂଳ, ଚକ୍ର, ଖଣ୍ଡା, ଅଙ୍କୁଶ, ଗଦା, ଧନୁ, ତୀର, ଅମୃତ କୁମ୍ଭ, ରକ୍ତପାତ୍ର ଓ କମଣ୍ଡଳୁ ଧାରଣ କରିଛନ୍ତି । ମା'ଙ୍କ ଆରାଧନା ମନରେ ସକାରାତ୍ମକ ଭାବନା ସହ ଜୀବନରେ ଆଶା ଓ ଆତ୍ମବିଶ୍ୱାସ ଜାଗ୍ରତ କରେ । ନବରାତ୍ରିର ଏହି ପବିତ୍ର ଅବସରରେ ମା' ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଭରିଦିଅନ୍ତୁ ।

*Desk*

# ଧନୁଯାତ୍ରା

ବିଶ୍ୱପ୍ରସିଦ୍ଧ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଆସନ୍ତା ଜାନୁଆରୀ ମାସ ୧୨ ତାରିଖରୁ ଆରମ୍ଭ ହେବ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବରଗଡ଼ ଧନୁଯାତ୍ରା ମହୋତ୍ସବ ସମିତିର ଉପଦେଷ୍ଟା କମିଟି ଓ କାର୍ଯ୍ୟକାରୀ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ଏଥିରେ ୨୦୨୫-୨୬ ବର୍ଷର ଆୟ ବ୍ୟୟ ହିସାବ ସମୀକ୍ଷା ସହ ଧନୁଯାତ୍ରା ମହୋତ୍ସବ ଆୟୋଜନ ନେଇ ଆଲୋଚନା ହୋଇଥିଲା । ବରଗଡ଼ ଧନୁଯାତ୍ରାର ପ୍ରମୁଖ ଚରିତ୍ର ହେଉଛନ୍ତି ମହାରାଜ କଂସ । ପ୍ରଥମ ଦିନରେ ପିତା ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ସିଂହାସନ ଆରୋହଣ ଏବଂ ଅନ୍ତିମ ଦିନରେ ଶ୍ରୀକୃଷ୍ଣଙ୍କ ହାତରେ ମହାରାଜ କଂସଙ୍କ ମୃତ୍ୟୁ ସହ ଧନୁଯାତ୍ରାର ସମାପନ ହୋଇଥାଏ । ଧନୁଯାତ୍ରା ହେଉଛି ଗଣତନ୍ତ୍ରରେ ରାଜତନ୍ତ୍ର ଓ ରାଜତନ୍ତ୍ରରେ ଗଣତନ୍ତ୍ରର ସମ୍ମିଶ୍ରଣ । ମହାରାଜ କଂସ ହାତୀ ପିଠିରେ ବସି ନଗର ପରିକ୍ରମା କରି ପ୍ରଜାମାନଙ୍କ ସୁଖଦୁଃଖ ବୁଝିବା ସହ ଆଇନ ଅମାନ୍ୟକାରୀଙ୍କୁ ଦଣ୍ଡିତ କରିଥା'ନ୍ତି ।

*Boudh*

## ଭୋଟର ତାଲିକା

ବୌଦ୍ଧ ଜିଲ୍ଲାରେ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ, ନିର୍ଭୁଲ ଏବଂ ସୁସଙ୍ଗଠିତ କରିବା ଉଦ୍ଦେଶ୍ୟରେ ଘରକୁ ଘର ସର୍ବେକ୍ଷଣ କାର୍ଯ୍ୟକ୍ରମ ଏବଂ ବୁଥ୍‌ସ୍ତରୀୟ ଏଜେଣ୍ଟ୍‌-ବି.ଏଲ୍‌.ଏ. ନିଯୁକ୍ତି ଉପରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୁତି ଭୂଷଣ ନାୟକ ଗୁରୁତ୍ୱ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ରାଜନୈତିକ ଦଳଗୁଡ଼ିକୁ ନିଜ ଦଳ ପକ୍ଷରୁ ବି.ଏଲ୍‌.ଏ. ନିଯୁକ୍ତ କରିବା ସହ ସେମାନଙ୍କର ସହଯୋଗ କାମନା କରିଛନ୍ତି ।

*Nayagarh/R*

## ବିଦ୍ୟାଳୟ ସମୀକ୍ଷା

ନୟାଗଡ଼ ଜିଲ୍ଲାରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ’ ଶିକ୍ଷାର ଗୁଣାତ୍ମକ ମାନ, ଶିକ୍ଷଣ ପ୍ରକ୍ରିୟା ଓ ବିଦ୍ୟାଳୟ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି । ବିଭିନ୍ନ ପି.ଏମ୍‌.ଶ୍ରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ ସମୟରେ ଶିଶୁମାନଙ୍କୁ ଖେଳ ମାଧ୍ୟମରେ ଶିକ୍ଷାଦାନ କରିବା ସହ ଶିକ୍ଷଣ ସାମଗ୍ରୀ ‘ଯାଦୁପେଟି’ର ବ୍ୟାପକ ବ୍ୟବହାର କରାଯାଇ ପିଲାମାନଙ୍କ ପ୍ରତି ତାହା କିଭଳି ଶିକ୍ଷଣୀୟ ହେଉଛି, ତାହା ସେ ଅନୁଧ୍ୟାନ କରିଛନ୍ତି । ଏହି ପରିଦର୍ଶନ ସମୟରେ ନୟାଗଡ଼ ଜିଲ୍ଲା

ଶିକ୍ଷା ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

***Bhadrak/R***

## କ୍ରୀଡ଼ା ପ୍ରତିଯୋଗିତା

ଭଦ୍ରକର ଚରମ୍ପା ରେଳବାଇ ଖେଳପଡ଼ିଆରେ ୭୦ତମ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଅତିଥି ଭାବେ ଯୋଗଦେଇ ଛାତ୍ରଜୀବନରେ କ୍ରୀଡ଼ାର ଆବଶ୍ୟକତା, ଚରିତ୍ର ଗଠନ, ଶୃଙ୍ଖଳା ରଖିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାର ୭ଟି ବ୍ଲକ୍‌ରୁ ୬୦୫ ଜଣ ପ୍ରତିଯୋଗୀ, ୧୩୭ ଜଣ ପ୍ରଧାନ ଶିକ୍ଷକ, କ୍ରୀଡ଼ା ଶିକ୍ଷକ ପ୍ରମୁଖ ଏହି ପ୍ରତିଯୋଗିତାରେ ସାମିଲ୍ ହୋଇଥିଲେ ।

***Desk***

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରିଛି । ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା

ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

******